## ରାଯ୍ୟ ବାହାଦୁର ନନ୍ଦକିଶୋର ଦାସଙ୍କ ୧୨୯ ତମ ପୁଣ୍ୟ ତିଥି ପାଳିତ ।

ଅନୁଗୋଳ, ତା.୦୬.୦୪:- ସାମଗ୍ରୀକ ଭାବେ ଓଡିଶାର ସର୍ବାଙ୍ଗୀନ ଉନ୍ନତି ଥିଲା ରାଯ୍ୟ ବାହାଦୁର ନନ୍ଦକିଶୋର ଦାସଙ୍କ ସମୁନ୍ନତ ପରିକଳ୍ପନା ଏବଂ ସେହି ଲକ୍ଷ୍ୟ ନେଇ ୧୮୮୯ ମସିହାରେ ସେ ଉତ୍କଳ ସମ୍ମିଳନୀ ସଭା ଗଠନ କରିଥିଲେ ବୋଲି ତାଙ୍କ ୧୨୯ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଅନୁଗୋଳ ଜିଲ୍ଲା ପୁରୁଣାଗଡ ଅନ୍ତର୍ଗତ ବଡଦାଣ୍ଡ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳଯ୍ୟ ପରିସର ସ୍ଥିତ ସମାଧିରେ ଶ୍ରଦ୍ଧାସୁମନ ଅର୍ପଣ କରି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଅନୁଗୋଳ ଜିଲ୍ଲା ପ୍ରଶାସନ ଏବଂ ଭୁବନେଶ୍ୱର ସ୍ଥିତ ସାଂସ୍କୃତିକ ସାମାଜିକ ସେବା ଅନୁଷ୍ଠାନ ମାହାଙ୍ଗା ମୈତ୍ରୀ ମଞ୍ଚର ମିଳିତ ଆନୁକୁଲ୍ୟରେ ସ୍ୱତନ୍ତ୍ର ଓଡିଶା ଗଠନର ଅନ୍ୟତମ ଆଦ୍ୟ ପ୍ରବକ୍ତା ରାଯ୍ୟବାହାଦୁର ନନ୍ଦକିଶୋର ଦାସଙ୍କ ୧୨୯ ତମ ପୁଣ୍ୟତିଥି ଆଜି ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୁରୁଣାଗଡ ସ୍ଥିତ ତାଙ୍କ ସମାଧିପୀଠରେ ଆୟୋଜିତ ଶ୍ରଦ୍ଧାର୍ଘ୍ୟ ଅର୍ପଣ ଉତ୍ସବରେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ  ସନ୍ଧ୍ୟାଞ୍ଜଳୀ ମାଝୀ  ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇଂରେଜ ଶାସନ କାଳରେ ପ୍ରଥମ ଓଡିଆ ସିଭିଲିଆନ ସ୍ୱର୍ଗତ ନନ୍ଦକିଶୋରଙ୍କୁ ଜଣେ ବରପୁତ୍ର ତଥା ଦକ୍ଷ ପ୍ରଶାସକ ଭାବେ ଅଭିହିତ କରିଥିଲେ । ମାହାଙ୍ଗା ମୈତ୍ରୀ ମଞ୍ଚର ସାଧାରଣ ସମ୍ପାଦକ ତଥା ରାଜ୍ୟସ୍ତରୀଯ୍ୟ ନନ୍ଦକିଶୋର ଦାସ ସ୍ମୃତି ସମିତିର ଅଧ୍ୟକ୍ଷ ଶ୍ରୀ ଅବନୀ ଚନ୍ଦ୍ର ଦାସ  ଏକ ବାର୍ତ୍ତା ଯୋଗେ ଦିବଂଗତ ଏହି ମହାନ ଆତ୍ମାଂକ ଅମ୍ଳାନ ସ୍ମୃତି ସମ୍ପନ୍ନ ଅନୁଗୋଳର ପୁରୁଣାଗଡ ମାଟିକୁ  ସେ ପ୍ରଣାମ ଜଣାଇଥିଲେ । ମଧୁବାବୁଙ୍କ ଭାଷାରେ ନନ୍ଦକିଶୋର ଦାସ ଓଡିଆଙ୍କ ହିରୋ ଥିଲେ ଏବଂ ଫକିର ମୋହନ ସେନାପତି ତାଂକୁ ଓଡିଶାର କୀର୍ତ୍ତିସ୍ତମ୍ଭ ଭାବେ ବର୍ଣ୍ଣନା କରିଯାଇଛନ୍ତି  ବୋଲି ସେ ଉଲ୍ଲେଖ କରିଥିଲେ ।  ବଡଦାଣ୍ଡ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳଯ୍ୟର ଶିକ୍ଷକ ଶ୍ରୀ କରୁଣାକର ସାହୁ ଓ ଶିକ୍ଷଯ୍ୟତ୍ରୀ ଶ୍ରୀମତୀ ସିକତା ମହାନ୍ତି, ଗ୍ରାମ ମୁରବୀ ଶ୍ରୀ କ୍ଷୀରୋଦ ଚନ୍ଦ୍ର ପଟ୍ଟନାଯ୍ୟକ, ସ୍ଥାନୀଯ୍ୟ ସରପଞ୍ଚ ଶ୍ରୀ ସତ୍ୟବ୍ରତ ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ରଣଜିତ୍ ବେହେରା, ଗ୍ରାମ ରୋଜଗାର ସେବକ ଶ୍ରୀ ସ୍ୱପ୍ନେଶ୍ୱର ସାହୁ ଓ ପୁରୁଣାଗଡ ଗ୍ରାମର ଗ୍ରାମବାସୀ ପ୍ରମୁଖ ରାଯ୍ୟବାହାଦୁର ନନ୍ଦ କିଶୋର ଦାସଙ୍କ ସମାଧିରେ ପୁଷ୍ପମାଳ ସହିତ  ଧୂପ  ଦୀପ ଦେଇ ଶ୍ରଦ୍ଧାଂଜଳି ଅର୍ପଣ  କରିଥିଲେ ।   ଏହି ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ଓଡିଆ ପ୍ରଥମ ସିଭିଲିଆନ  ରାଯ୍ୟ ବାହାଦୁର ନନ୍ଦ କିଶୋର ଦାସଂକୁ ସ୍ୱତନ୍ତ୍ର ଓଡିଶାର  ଆଉ ଜଣେ ରୁପକାର ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ  ।  ଏହି ଅବସରରେ  ବିଦ୍ୟାଳଯ୍ୟର ଛାତ୍ର ଛାତ୍ରୀମାନଂକୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା  ୨୫୪  ତା. ୦୬.୦୪. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀଯ୍ୟ  ସାମ୍ବାଦିକଙ୍କ ସଦଯ୍ୟ ଅବଗତି  ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ

